## ଆଜି କ'ଣ କେଉଁଠି

**ବଅଁରପାଳ**

■ମା ହିଙ୍ଗୁଳା ଓ ଭୈରବୀଙ୍କ ବାର୍ଷିକ ଉତ୍ସବ
ସ୍ଥାନ: ଗଡ଼ସନ୍ତ୍ରୀ
ସମୟ: ସକାଳ ୭ଟା।

## ସଂକ୍ଷେପରେ

### ୱାର୍ଡସଭ୍ୟଙ୍କ ହତ୍ୟା ଅଭିଯୁକ୍ତ ଗିରଫ

**ବନ୍ତଲା,୩୦।୯(ଡି.ଏନ.ଏ.):** ଅନୁଗୋଳ ଜିଲା ପୁରୁଣାକୋଟ ଥାନା ଅନ୍ତୁଲିଆ ଛକରେ ରବିବାର ରାତିରେ ଗ୍ରାମର ୱାର୍ଡସଭ୍ୟ ଜଗବନ୍ଧୁ ବେହେରା(୬୦)ଙ୍କୁ ଭୁଜାଲିରେ ହାଣି ହତ୍ୟା କରିବା ଅଭିଯୋଗରେ ସଦାନନ୍ଦ ଗଡ଼ନାଏକ(୫୦)ଙ୍କୁ ପୋଲିସ ଗିରଫ କରିଛି। ସୋମବାର ଭୋର ସମୟରେ ପୋଲିସ ଅଭିଯୁକ୍ତଙ୍କୁ ଧରିବା ସହ ହତ୍ୟାରେ ବ୍ୟବହୃତ ଭୁଜାଲି ଜବତ କରିଛି। ଏଥିସହ ଜଗବନ୍ଧୁଙ୍କ ମୃତଦେହକୁ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଜମିବାଡ଼ି ବିବାଦ ପୂର୍ବ ଗଣ୍ଡଗୋଳକୁ ନେଇ ହତ୍ୟାକାଣ୍ଡ ଘଟିଥିବା ପ୍ରାଥମିକ ତଦନ୍ତରୁ ପୋଲିସ ଜାଣିବାକୁ ପାଇଛି।

### ଗୋରୁ ବୋଝେଇ କଣ୍ଟେନର ଜବତ, ୯ ଗିରଫ



**ବନ୍ତଲା,୩୦।୯(ଡି.ଏନ.ଏ):** ଅନୁଗୋଳ ଜିଲା ବନ୍ତଲା ଥାନା ବେଡା ଶାସନ ଛକ ପୂର୍ତ୍ତବିଭାଗ ରାସ୍ତାରେ ରବିବାର ରାତିରେ ପୋଲିସ ଚଢ଼ାଉ କରି ଏକ ଗୋରୁ ବୋଝେଇ କଣ୍ଟେନର(ନଂ. ଓଆର ୦୯ ଏଲ୨୨୦୭)କୁ ଜବତ କରିଛି। ଉକ୍ତ କଣ୍ଟେନରରୁ ୫୪ ଟି ଗୋରୁଙ୍କୁ ଉଦ୍ଧାର କରାଯାଇଛି। ଘଟଣାରେ ସୋମବାର ୯ ଜଣଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଭଦ୍ରକ ଜିଲା ସାହାପୁର ଗ୍ରାମର ସିକେ ସଇଦ (୫୫), ପଠାନ ମହ୍ଲାର ଏସକେ ଫରକାନ (୩୨), ଦାଫତାରି ମହ୍ଲାର ଏସକେ ଅହମିଦ(୩୨), ସୋନପୁର ଜିଲା ଅନ୍ତରଜା ଗ୍ରାମର ସିବିନ ମହମ୍ମଦ(୬୦), ଦିଲୀପ ତାଣ୍ଡି (୪୦), ଭଦ୍ରକ ଜିଲା ନାସିର ବାଦ ଗ୍ରାମର ଏସ କେ ସଇତା(୨୦), ଆଜିମ ଖାଁ, ପଠାନ ମହଲା ଗ୍ରାମର ଏସକେ ଇନ୍ଦାଜ(୩୦), ଏସକେ ସାଫୁଲା(୨୭)। ଏ ନେଇ ନଂ. ୧୯୪ରେ ମାମଲା ରୁଜୁ ହୋଇଥିବା ପୋଲିସ ପ୍ରକାଶ କରିଛି।

### ଠାକୁରଙ୍କୁ ସ୍ଥାନାନ୍ତର ପାଇଁ ଗ୍ରାମବାସୀଙ୍କ ବୈଠକ

**ବଇଣ୍ଡା,୩୦।୯(ଡି.ଏନ.ଏ):** କିଶୋରନଗର ବ୍ଲକ ନୁନୁକାପଶି ପଞ୍ଚାୟତ ବଇଣ୍ଡା ଛକଠାରେ ଥିବା ରାଧାକୃଷ୍ଣ ଓ ଶିବ ମନ୍ଦିର ୫୫ ନଂ. ଜାତୀୟ ରାଜପଥ ସମ୍ପ୍ରସାରଣ ପାଇଁ ଭଙ୍ଗାଯିବ। ମନ୍ଦିର ଭଙ୍ଗାଯିବା ପୂର୍ବରୁ ରାଧକୃଷ୍ଣ ମନ୍ଦିର ନିକଟରେ ଅସ୍ଥାୟୀ ଘରେ ଗ୍ରାମବାସୀ ଓ ବଇଣ୍ଡା ଛକ ବିକାଶ ପରିଷଦ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଗ୍ରାମ ସଭାପତି ଚିନ୍ତାମଣୀ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସରପଞ୍ଚ ଜଳଧର ସାହୁ, ରାଜକୁମାର ଅଗ୍ରୱାଲା, ରମେଶ କୁମାର ଟିବ୍ରୱାଲା, ରମାକାନ୍ତ ବେହେରା, ଗିରିଶଚନ୍ଦ୍ର ପଟ୍ଟନାୟକ, ଅନିଲ ବେହେରା, ପରିକ୍ଷିତ ସାହୁ, ସୁଦାମ ସାହୁଙ୍କ ସମେତ ଗ୍ରାମବାସୀ ଯୋଗ ଦେଇଥିଲେ। ଗୁରୁବାର ପ୍ରଭୁ ରାଧାକୃଷ୍ଣଙ୍କୁ ସ୍ଥାନାନ୍ତର କରାଯିବା ପାଇଁ ନିଷ୍ପତ୍ତି ହୋଇଛି। ଏଥିସହିତ ହୋମଯଜ୍ଞ, ପୂଜାର୍ଚ୍ଚନା କରାଯିବା ପାଇଁ ବୈଠକରେ ଆଲୋଚନା ହୋଇଥିଲା।

### ମାଛ ବିକ୍ରିକୁ ନେଇ ମାରପିଟ

**ଛେଣ୍ଡିପଦା,୩୦।୯(ସ୍ୱ.ପ୍ର):** ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ମାଛକୁଟା ଗ୍ରାମରେ ମାଛ ବିକ୍ରିକୁ ନେଇ ଗଣ୍ଡଗୋଳ ସହ ମାରପିଟ ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ ସୂତ୍ରରୁ ପ୍ରକାଶ, ମାଛକୁଟା ଗ୍ରାମର ବାବୁଲି ଗଡନାୟକ ମାଛ ବିକ୍ରି କରୁଥିଲେ। ଗ୍ରାମର କାଳିଆ ସାହୁ ମାଛ କିଣିବାକୁ ସେଠାକୁ ଆସିଥିଲେ। ବାବୁଲି ମାଛ ଦେବାକୁ କାଳିଆଙ୍କୁ ମନା କରିବାରୁ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏଥିରେ କାଳିଆ ଉତକ୍ଷିପ୍ତ ହୋଇ ବାବୁଲିକୁ ଆକ୍ରମଣ କରିଥିଲେ। ଏ ନେଇ ବାବୁଲି ଛେଣ୍ଡିପଦା ଥାନାରେ ଲିଖିତ ଅଭିଯୋଗ କରିବା ପରେ ଥାନା ଏସଆଇ ପ୍ରତାପ ଚନ୍ଦ୍ର ଦଲେଇ ଥାନା ନଂ. ୨୯୮ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛନ୍ତି।

■ସାମାଜିକ କର୍ମୀଙ୍କ ଗିରଫଦାରିର ପ୍ରତିବାଦ

# ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

**ଅନୁଗୋଳ ଅଫିସ, ୩୦।୯**

ଅନୁଗୋଳର କେତେଜଣ ସାମାଜିକ କର୍ମୀଙ୍କୁ ଦଲାଲ ଅଭିଯୋଗରେ ପୋଲିସ ଗିରଫ କରିବା ଘଟଣାକୁ ବିଭିନ୍ନ ସଙ୍ଗଠନ ପକ୍ଷରୁ ସୋମବାର ବିରୋଧ ସହ ଅନୁଗୋଳ ସଚେତନ ନାଗରିକ ମଞ୍ଚ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏ ନେଇ ମଞ୍ଚ ପକ୍ଷରୁ ଜିଲାପାଳଙ୍କ ସହ ଆଲୋଚନା କରାଯିବା ପରେ ଭବିଷ୍ୟତ କାର୍ଯ୍ୟପନ୍ଥା ସମ୍ପର୍କରେ ଏକ ବୈଠକ ମଧ୍ୟ କରାଯାଇଛି।

ସକାଳେ ଶୈଳଶ୍ରୀକ୍ଷେତ୍ର ଅରୁଣସ୍ତମ୍ଭ ନିକଟରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ବିଶାଳ ଜନସଭା ଅନୁଷ୍ଠିତ ହୋଇଥିଲା। ଏହାପରେ ଶୋଭାଯାତ୍ରାରେ ମଞ୍ଚର କର୍ମକର୍ତ୍ତା ଓ ଜନସାଧାରଣ ସହର ପରିକ୍ରମା କରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଜିଲାପାଳ ମନୋଜ କୁମାର ମହାନ୍ତିଙ୍କୁ ଭେଟି ସେମାନେ ଘଟଣା ସମ୍ପର୍କରେ ଆଲୋଚନା କରିଥିଲେ। ଦଲାଲ ଅଭିଯୋଗରେ ଗିରଫ ହୋଇଥିବା ପର୍ଶୁରାମ ଦାଶ ଜଣେ ସାମାଜିକ କର୍ମୀ ଓ ଏକ ସାମ୍ବାଦିକ ସଂଘର ସଭାପତି ହୋଇଥିବାବେଳେ ତାଙ୍କୁ କିଭଳି ଦଲାଲ ସଜାଇ ଗିରଫ କରାଗଲା ସେ ନେଇ ଜନସାଧାରଣ ପ୍ରଶ୍ନ କରିଥିଲେ। ପୋଲିସ କାହା ଚାପରେ ପଡ଼ି ଏପରି ଗିରଫଦାରି କରିଥିବାରୁ ସେମାନେ ଅସନ୍ତୋଷ ବ୍ୟକ୍ତ କରିବା ସହ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରତାପ ଚନ୍ଦ୍ର ପ୍ରଧାନ, ଜିଲା ଓକିଲ ସଂଘ ସଭାପତି ଜିତେନ୍ଦ୍ର ସାହୁ, ଅଗସ୍ତି ବେହେରା, ନମିତା ଦଳବେହେରା, ରୋଜାଲିନ ଦାଶ, ଆଇନଜୀବୀ ମମତା ପ୍ରଧାନ, ସରିତା ମିଶ୍ର, ଜିଲା ଓକିଲ ସଂଘର ପୂର୍ବତନ ସଭାପତି ଦିଲୀପ ଦାଶ, ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚ ସଭାପତି ସୁବାସ ସାହୁ, ଏଡିୟୁଜେର ସାଧାରଣ ସମ୍ପାଦକ ସଞ୍ଜୀବ ମାଣ୍ଡୋଠିଆ, ଖବରଦାତା ସନ୍ତୋଷ ମିଶ୍ର, ଅଜିତ ଧର, ନିପୁ ଭୂତିଆ, ନିରଞ୍ଜନ ନାୟକ, ସ୍ୱାଧୀନ ସାହୁ ପ୍ରମୁଖଙ୍କ ସମେତ ବହୁ ମହିଳା ଓ ପୁରୁଷ ଉପସ୍ଥିତ ଥିଲେ। ଏହି ଘଟଣାକୁ ଓଡ଼ିଶା ୟୁନିୟନ ଅଫ୍ ଜର୍ନାଲିଷ୍ଟ ପକ୍ଷରୁ ଘୋର ନିନ୍ଦା କରାଯାଇଛି। ରାଜ୍ୟ ସଭାପତି ପ୍ରସନ୍ନ ମହାନ୍ତି ଏ ବିଷୟରେ ମୁଖ୍ୟମନ୍ତ୍ରୀ ଓ ପୋଲିସ ଡିଜିଙ୍କୁ ଅବଗତ କରାଇଥିବା ରାଜ୍ୟ ସମ୍ପାଦକ ଅଶୋକ ନନ୍ଦ ସୂଚନା ଦେଇଛନ୍ତି।



ସଚେତନ ନାଗରିକ ମଞ୍ଚ ପକ୍ଷରୁ ଆୟୋଜିତ ବିକ୍ଷୋଭ ଶୋଭାଯାତ୍ରା।



କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ଏନ୍‌ସିସି କ୍ୟାଡେଟ୍ସ।

## ପ୍ରତିମୂର୍ତ୍ତି ସଫାକଲେ ଏନ୍‌ସିସି କ୍ୟାଡେଟ୍ସ

**ଢେଙ୍କାନାଳ ଅଫିସ,୩୦।୯**

ଢେଙ୍କାନାଳ ଜିଲା ଯୋରନ୍ଦା ଉଚ୍ଚ ବିଦ୍ୟାଳୟର ଏନ୍‌ସିସି କ୍ୟାଡେଟ୍ସମାନେ ଯୋରନ୍ଦା ଅଞ୍ଚଳରେ ଥିବା ମହାପୁରୁଷଙ୍କ ପ୍ରତିମୂର୍ତ୍ତିଗୁଡ଼ିକୁ ସୋମବାର ସଫା କରିଛନ୍ତି। ସନ୍ଥକବି ଭୀମ ଭୋଇ, ନାଟିମା ବଜାରସ୍ଥିତ ବିଜୁ ପଟ୍ଟନାୟକ ଏବଂ ଦଧିସିଙ୍ଗାଠାରେ ଥିବା ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତି ସହ ଏହାର ଚାରିପାଖ ସଫା କରି ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ବିଦ୍ୟାଳୟର ଏନ୍‌ସିସି ଶିକ୍ଷକ ଉତ୍ତମ କୁମାର ସାମନ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ କ୍ୟାଡେଟ୍ସ ସୌମ୍ୟରଞ୍ଜନ ସାହୁ ଓ ବୈଷ୍ଣୋଜ୍ୟୋତି ରାଉତ ସହଯୋଗ କରିଥିଲେ।

## ଗ୍ୟାସ ଟାଙ୍କିରୁ ଅଗ୍ନିକାଣ୍ଡ

**ପରଜଙ୍ଗ,୩୦।୯(ଡି.ଏନ.ଏ)**

ଢେଙ୍କାନାଳ ଜିଲା ପରଜଙ୍ଗ ତହସିଲ ଅଧୀନ ସରାଙ୍ଗ ସୁବର୍ଣ୍ଣ ପାଟଣା ସାହିର ଲକ୍ଷ୍ମୀଧର ବେଜଙ୍କ ଘରେ ଥିବା ଗ୍ୟାସ ଟାଙ୍କିରୁ ସୋମବାର ଅପରାହ୍ନରେ ଅଗ୍ନିକାଣ୍ଡ ଘଟିଛି। ଫଳରେ ଘରେ ଥିବା ଆସବାବ ପତ୍ର ସହ ଆଜବେଷ୍ଟସ ଜଳିଯାଇଛି। ପରଜଙ୍ଗ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। କୁଆଲୋ ଆରଆଇ ଅପର୍ଣ୍ଣା ପ୍ରିୟଦର୍ଶିନୀ ପହଞ୍ଚି ତଦନ୍ତ କରିବାସହ ମଙ୍ଗଳବାର ବିପନ୍ନ ପରିବାରଙ୍କୁ ପଲିଥିନ ଯୋଗାଇ ଦିଆଯିବ ବୋଲି କହିଛନ୍ତି।

## ନବାଗତଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା


ସ୍ୱାଗତ ସମାରୋହକୁ ଅତିଥି ଉଦ୍‌ଘାଟନ କରୁଛନ୍ତି।

**ଢେଙ୍କାନାଳ ଅଫିସ,୩୦।୯**

ଢେଙ୍କାନାଳ ସଦର ବ୍ଲକ ଗୋବିନ୍ଦପୁରସ୍ଥିତ ନିଶାଦ୍ରୀ ସ୍କୁଲ୍ ଅଫ୍ ଜର୍ନାଲିଜିମ୍ ଏବଂ ସୋସିଆଲ ୱାର୍କ ମହାବିଦ୍ୟାଳୟ ପରିସରରେ ସୋମବାର ନୂତନ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରାଯାଇଥିଲା। ସ୍ୱାଗତ ସମାରୋହରେ ଅବସରପ୍ରାପ୍ତ ବିଚାରପତି ଭିକାରୀ ଚରଣ ରାଉତ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ନିଶାଦ୍ରୀ କଲେଜର ନିର୍ଦ୍ଦେଶକ ଡ. ସାରଙ୍ଗଧର ସାମଲ ଓ ଗୋବିନ୍ଦପୁର ସରପଞ୍ଚ ସୁନିତା ସାହୁ ପ୍ରମୁଖ ଯୋଗଦେଇଥିଲେ। କଲେଜ ଅଧକ୍ଷ ସୁନୀଲ କୁମାର ମିଶ୍ର ସଭାପତିତ୍ୱ କରିଥିଲେ। ପରେ କଲେଜ ଅଧ୍ୟାପିକା ଅଧ୍ୟାପକଙ୍କ ଦ୍ୱାରା ନୂତନ ଛାତ୍ରୀଛାତ୍ରଙ୍କ ପାଇଁ ଏକ ପାୱାର ପଏଣ୍ଟ ଉପସ୍ଥାପନା କରାଯାଇ ସୂଚନା ପ୍ରଦାନ କରାଯାଇଥିଲା । ସାମ୍ବାଦିକତା ଓ ସମାଜ ସେବା କ୍ଷେତ୍ରରେ ଛାତ୍ରୀଛାତ୍ରମାନେ କିପରି ସଫଳତା ପାଇପାରିବେ ସେ ନେଇ ଅତିଥିମାନେ ଛାତ୍ରୀଛାତ୍ରଙ୍କୁ ଉଦବୋଧନ ଦେଇଥିଲେ। ସମାରୋହରେ ଦ୍ୱିତୀୟବର୍ଷର ଛାତ୍ରୀଛାତ୍ରଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସ୍ୱରୁପ କୁମାର ନାୟକ, ମହେନ୍ଦ୍ର କୁମାର ସାହୁ, ବିଶ୍ୱନାଥ ପାଙ୍ଗି, ଚନ୍ଦ୍ରକାନ୍ତି ନାୟକ, ପଦ୍ମାବତୀ କୁଣ୍ଡ, ହେମନ୍ତ ପଟ୍ଟନାୟକ ଓ ଅନୁଷ୍ଠାନର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ ।

## ମାନସିକ ରୋଗୀଙ୍କୁ ଚିକିତ୍ସା ମିଳୁନି

**ବଇଣ୍ଡା,୩୦।୯(ଡି.ଏନ.ଏ)**

କିଶୋରନଗର ଅଞ୍ଚଳରେ ଗତ କିଛି ଦିନ ହେବ ଜଣେ ଅସୁସ୍ଥ ମାନସିକ ରୋଗୀଙ୍କୁ ଚିକିତ୍ସା ମିଳୁ ନ ଥିବା ଅଭିଯୋଗ ହୋଇଛି। ଫଳରେ ୧୦୮ ଆମ୍ବୁଲାନ୍ସ ଦ୍ୱାରା ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି।
କିଶୋରନଗର ଗ୍ରାମବାସୀଙ୍କ ସୂତ୍ରରୁ ଜଣାପଡ଼ିଛି, କିଛିଦିନ ହେବ ଜଣେ ମାନସିକ ରୋଗୀ ଆସି ବିଭିନ୍ନ ସ୍ଥାନରେ ରହୁଥିବାବେଳେ ତାଙ୍କ ମୁଣ୍ଡରେ ଆଘାତ ଲାଗିଛି। ପୋଲିସ କିମ୍ବା ପ୍ରଶାସନିକ ଅଧିକାରୀମାନେ ଉକ୍ତ ମାନସିକ ରୋଗୀଙ୍କ ଚିକିତ୍ସା କରାଉ ନ ଥିବାବେଳେ ଶୁକ୍ରବାର ୧୦୮ ଆମ୍ବୁଲାନ୍ସ ଯୋଗେ ତାଙ୍କୁ କିଶୋରନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ହେଲେ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ତାଙ୍କୁ ପ୍ରାଥମିକ ଚିକିତ୍ସା କରା ନ ଯାଇ ତରବରିଆ ଭାବେ ଜଣେ ପୋଲିସ ଅଧିକାରୀଙ୍କ ଚାପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଦେବା ଯୋଗୁ ଅସନ୍ତୋଷ ଦେଖାଦେଇଛି। କିଶୋରନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ପ୍ରିୟବ୍ରତ ଦାସଙ୍କୁ ପଚାରିବାରୁ ଏ ସମ୍ପର୍କରେ ସେ କୌଣସି ମନ୍ତବ୍ୟ ଦେଇ ନ ଥିଲେ।

■ସର୍ବଭାରତୀୟ ଆମନ୍ତ୍ରଣ ଫୁଟବଲ

## କ୍ୱାର୍ଟର ଫାଇନାଲରେ ଝାଡଖଣ୍ଡ


ଧାନବାଦ ଓ ନୟାଗଡ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

**ଢେଙ୍କାନାଳ ଅଫିସ, ୩୦।୯**

ଢେଙ୍କାନାଳ କ୍ରୀଡ଼ା ସଂଘ ଓ ପ୍ରଶାସନର ମିଳିତ ଆୟୋଜନରେ ସ୍ଥାନୀୟ ଷ୍ଟାଡିୟମଠାରେ ଆୟୋଜିତ ହେଉଥିବା ପ୍ରଥମ ସର୍ବଭାରତୀୟ ଆମନ୍ତ୍ରଣ ଫୁଟବଲ ପ୍ରତିଯୋଗିତାର ସୋମବାର ଧାନବାଦ ଫୁଟବଲ ଏକାଡେମୀ ଝାଡଖଣ୍ଡ ଓ ନୟାଗଡ ସ୍ପୋର୍ଟସ୍ ହଷ୍ଟେଲ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଧାନବାଦ ଫୁଟବଲ ଏକାଡେମୀ ଝାଡଖଣ୍ଡ ଟାଇବ୍ରେକର ଜରିଆରେ ୫-୩ ଗୋଲରେ ନୟାଗଡ ସ୍ପୋର୍ଟସ୍ ହଷ୍ଟେଲକୁ ପରାସ୍ତ କରି କ୍ୱାଟର ଫାଇନାଲରେ ପହଞ୍ଚିଛି। ରେଫରି ସୁବ୍ରତ ପୁରୋହିତ, ଆଶୀର୍ବାଦ କାନୁନଗୋ, ଅନିଲ କୁମାର ନନ୍ଦ, ଅରୁଣ ନାୟକ, ସନ୍ତୋଷ କାନୁନଗୋ ଓ ମ୍ୟାଚ କମିଶନର ମାୟାଧର ସାହୁ ଖେଳ ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ ଭବେଶ କୁମାର ନାୟକ ଯୋଗ ଦେଇଥିଲେ। ଧାନବାଦ ଫୁଟବଲ ଏକାଡେମୀର ହେମ୍ବା ମିତାଜ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇ କ୍ରୀଡା ସଂଘ ଯୁଗ୍ମ ସମ୍ପାଦକ ଗୌରାଙ୍ଗ ଚରଣ ସେଠୀଙ୍କ ଠାରୁ ପୁରସ୍କୃତ ହୋଇଥିଲେ। ମଙ୍ଗଳବାର ଦୁଇଟି ମ୍ୟାଚ ଅନୁଷ୍ଠିତ ହେବ। ପ୍ରଥମେ ଦିନ ସାଢେ ୧ଟା ସମୟରେ ଗ୍ରୁପ୍-ଏର ଦ୍ୱିତୀୟ କ୍ୱାଟର ଫାଇନାଲ ପତାକା ଆଠମଲିକ ଓ ରାଇଜିଂ ଷ୍ଟୁଡେଣ୍ଟ କଟକ ମଧ୍ୟରେ ହେବ। ଦ୍ୱିତୀୟ ମ୍ୟାଚ ଅପରାହ୍ନ ସାଢେ ୩ଟାରେ ଗ୍ରୁପ-ବିର ଦ୍ୱିତୀୟ କ୍ୱାଟର ଫାଇନାଲ ମା' ମଙ୍ଗଳା ଫୁଟବଲ କ୍ଲବ କଟକ ଓ ଧାନବାଦ ଫୁଟବଲ ଏକାଡେମୀ ଝାଡଖଣ୍ଡ ମଧ୍ୟରେ ହେବ ବୋଲି ଜିଲା କ୍ରୀଡା ସଂଘ ସମ୍ପାଦକ ନଳିନୀ କୁମାର ଦାସ ଜଣାଇଛନ୍ତି।

■ଜିଲାସ୍ତରୀୟ ପୁରୁଷ ଡବଲ୍ସ ଓପନ କ୍ୟାରମ ପ୍ରତିଯୋଗିତା

## ରଫିକ୍-ରମାକାନ୍ତ ଯୋଡ଼ି ଚାମ୍ପିୟନ




**ଢେଙ୍କାନାଳ ଅଫିସ,୩୦।୯**

ଢେଙ୍କାନାଳ ବସ୍‌ଷ୍ଟାଣ୍ଡ ନିକଟସ୍ଥ ବିନୋଦ ଭବନ କ୍ଲବ ପକ୍ଷରୁ ଅନୁଷ୍ଠାନ ପରିସରରେ ଦୁଇଦିନ ଧରି ଚାଲିଥିବା ୧୦ମ ଜିଲାସ୍ତରୀୟ ପୁରୁଷ ଡବଲ୍ସ ଓପନ୍ କ୍ୟାରମ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି । ଏଥିରେ ୬ଟି କ୍ଲବ ସମେତ ୩୨ଟି ଯୋଡି ଅଂଶଗ୍ରହଣ କରିଥିଲେ । ମହାବୀର କ୍ଲବର ମହମ୍ମଦ ରଫିକ୍ ଓ ରମାକାନ୍ତ ଦାସ ଯୋଡି ପ୍ରତିଯୋଗିତାରେ ଚାମ୍ପିୟନ ହୋଇଥିବା ବେଳେ ସେହି କ୍ଲବର ରାଜେଶ ଜେନା ଓ ବାବୁଲି ବୈଶାକ ରନର୍ସଅପ୍ ହୋଇଥିଲେ । ସନସାଇନ କ୍ଲବର ନୁରୁଲ ମୁର୍ଶାଲିନ ଖାଁ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ ହୋଇଥିଲେ। ଉଦ୍‌ଯାପନୀ ଉତ୍ସବରେ ରୋଟାରି କ୍ଲବର ସଭାପତି ଅକ୍ଷୟ ପଣ୍ଡା ଓ ଜିଲା କ୍ରୀଡ଼ା ଅଧିକାରୀ ପ୍ରଦୀପ୍ତ କୁମାର ମହାନ୍ତି ଅତିଥି ଭାବେ ଯୋଗଦେଇ କୃତୀ ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ। ଏହି କାର୍ଯ୍ୟକ୍ରମରେ କ୍ଲବର ସଭାପତି ଅଶ୍ୱିନୀ କୁମାର ବରାଳ, ସମ୍ପାଦକ ବରଦା ପ୍ରସାଦ ମହାନ୍ତି ଏବଂ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ । ଯୁଗ୍ମ ସମ୍ପାଦକ ଅଭିଜିତ ବରାଳ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

# କ୍ଷେତ୍ରୀୟ ଭାଷାର ଆବଶ୍ୟକତାକୁ ଗୁରୁତ୍ୱ

**ଢେଙ୍କାନାଳ ଅଫିସ,୩୦।୯**

ଢେଙ୍କାନାଳ ବିଏସ୍‌ଏନ୍‌ଏଲ୍ କାର୍ଯ୍ୟାଳୟରେ ଗତ ସେପ୍ଟେମ୍ବର ୧୪ରୁ ଆରମ୍ଭ ହୋଇଥିବା ହିନ୍ଦୀପକ୍ଷ ୨୮ ତାରିଖରେ ସମାପନ ହୋଇଛି । ଉଦ୍‌ଯାପନୀ ଦିବସରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଢେଙ୍କାନାଳ ବିଜ୍ଞାନ ଅଧିକାରୀ ମଥୁରୀ ମୋହନ ରାଉତ କହିଲେ, ହିନ୍ଦୀ ଭାଷାର ଶ୍ରୀ ବୃଦ୍ଧି ଓ ପ୍ରସାର ପ୍ରଚାର ପାଇଁ ସରକାରୀ ପ୍ରୋତ୍ସାହନର ଆବଶ୍ୟକତା ରହିଛି। ଢେଙ୍କାନାଳ କେନ୍ଦ୍ରୀୟ ବିଦ୍ୟାଳୟ ହିନ୍ଦୀ ବିଭାଗ ମୁଖ୍ୟ ରାଜଶ୍ରୀ ସିଂ ମୁଖ୍ୟବକ୍ତା ଭାବେ ଯୋଗଦେଇ ହିନ୍ଦୀ ଭାଷା ସହିତ ନିଜ ନିଜର କ୍ଷେତ୍ରୀୟ ଭାଷାର ଆବଶ୍ୟକତାକୁ ପ୍ରଧାନ୍ୟ ଦେବା ପାଇଁ ଗୁରୁତ୍ୱାରୋପ କରିଥିଲେ। ବିଦ୍ୟାଳୟସ୍ତରରୁ ହିନ୍ଦୀ ଓ ମାତୃଭାଷା ପ୍ରତି ଅଧିକ ଯତ୍ନଶୀଳ ହେବାକୁ ସେ ଅଭିଭାବକମାନଙ୍କୁ ପରାମର୍ଶ ଦେଇଥିଲେ । ଏହି ଅବସରରେ କାର୍ଯ୍ୟାଳୟର କର୍ମଚାରୀ, ଅଧିକାରୀ ଓ ସେମାନଙ୍କର ପିଲାମାନଙ୍କ ମଧ୍ୟରେ ଅନୁଷ୍ଠିତ ଚିତ୍ରକଳା, ଅନୁବାଦ, ଟିପ୍ପଣୀ, ମସୌଦା ଲିଖନ, ବିତର୍କ, ଦଳଗତ ପ୍ରଶ୍ନମଞ୍ଚ, ହିନ୍ଦୀ କବିତା ଆବୃତ୍ତି ଆଦି ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟାଳୟର ହିନ୍ଦୀ ସଂଯୋଜକ ନୃସିଂହନାଥ ମହାରଣା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଏହି ଅବସରରେ ସଙ୍ଗୀତ ସାଧନାରେ ଗୁରୁ ଶ୍ରୀଧର ମହାନ୍ତି ଓ ଚିତ୍ରକଳାରେ ଶିଳ୍ପୀ ବିଜୟ ସ୍ୱାଇଁଙ୍କୁ ପୁରସ୍କୃତ କରାଯାଇଥିଲା। ସଞ୍ଜୀବ କୁମାର ରାଉତରାୟ, ନୃସିଂହନାଥ ମହାରଣା, ସମ୍ବିତ ଦାସ ଓ ପ୍ରକାଶ କୁମାର ସଙ୍ଗୀତ ପରିବେଷଣ କରିଥିଲେ। ଦେବାଶିଷ ସାହୁ, ଲକ୍ଷ୍ମୀକାନ୍ତ ସାହୁ, ରବୀନ୍ଦ୍ର କୁମାର ଷଡଙ୍ଗୀ, ପ୍ରଶାନ୍ତ କୁମାର ରାଉତ, ଚକ୍ରଧର କରାଳି, ଦେବଦତ୍ତ ମଲିକ, ମନୋଜ କୁମାର ବିଶ୍ୱାଳ, ଧ୍ରୁବଚରଣ ସାମଲ, ପଦ୍ମାବତୀ ବାସ୍କେ, ସରୋଜ କୁମାର ଦାସ, ପ୍ରତିମା ମିଶ୍ର ପ୍ରମୁଖ ସହଯୋଗ କରିଥିଲେ। ଭାରତୀୟ ଜନସଂଚାର ସଂସ୍ଥାନର ମୁଖ୍ୟ ଡ. ମୃଣାଳ ଚାଟାର୍ଜୀ କାର୍ଯ୍ୟକ୍ରମ ଉଦଘାଟନ କରିଥିଲେ । ଉଦଘାଟନୀ ସମାରୋହରେ ବିଏସ୍‌ଏନ୍‌ଏଲ୍ ଢେଙ୍କାନାଳ ବିଭାଗୀୟ ମୁଖ୍ୟ ଇଂ ପ୍ରଦୀପ କୁମାର ମଲିକ ଅଧକ୍ଷତା କରିଥିଲେ। ଉପ ମହାପ୍ରବନ୍ଧକ ବୃନ୍ଦାବନ ବେହେରା, ସହାୟକା ମହାପ୍ରବନ୍ଧକ ସଞ୍ଜୀବ କୁମାର ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ ।



ବିଏସ୍‌ଏନ୍‌ଏଲରେ ହିନ୍ଦୀ ପକ୍ଷ ପାଳିତ।

## ସଂକ୍ଷେପରେ

### ୨ ଭାଇ କୋର୍ଟଚାଲାଣ

କଣିହାଁ,୩୦।୯(ଡି.ଏନ.ଏ)-କଣିହାଁ ବ୍ଲକ ରେଙ୍ଗାଳି ଥାନା ପୋଲିସ ଏକ ମାରପିଟ୍ ମାମଲାରେ ୨ ଭାଇଙ୍କୁ ସୋମବାର ଗିରଫ କରି କୋର୍ଟଚାଲାଣ କରିଛି। ଆଇଆଇସି ସରୋଜ ସାମଲ କହିଛନ୍ତି, ୧୯୯୩ରେ ମାରପିଟ୍ ମାମଲାରେ କୋର୍ଟର ୨ଟି ଜିଆର କେସକୁ ନେଇ ଗିରଫ ପରୱାନା ଆସିଥିଲା। ଏଥିରେ ସମ୍ପୃକ୍ତ ରେଙ୍ଗାଳି ଗ୍ରାମର ୨ ଭାଇ ପଞ୍ଚାନନ ମହାପାତ୍ର ଓ ଆନନ୍ଦ ମହାପାତ୍ରଙ୍କୁ ଗିରଫ କରାଯାଇଥିଲା।

### ଆମ ପୋଲିସ ସମିତି ବୈଠକ

କଣିହାଁ, ୩୦।୯(ଡି.ଏନ.ଏ)- କଣିହାଁ ବ୍ଲକ ରେଙ୍ଗାଳି ଡ୍ୟାମ ସାଇଟ୍ ଥାନା ପକ୍ଷରୁ ସୋମବାର ଶୁଶୁବା ପଞ୍ଚାୟତ କାର୍ଯ୍ୟାଳୟରେ ଆମ ପୋଲିସ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଇଆଇସି ସରୋଜକାନ୍ତ ସାମଲ ଏଥିରେ ଅଧକ୍ଷତା କରିଥିଲେ। ଅତିଥି ଭାବେ ସରପଞ୍ଚ ଦେବରାଜ ଦାସ ଯୋଗ ଦେଇଥିଲେ। ପୋଲିସ ଓ ଜନସାଧାରଣଙ୍କ ମଧ୍ୟରେ କିପରି ସୁସମ୍ପର୍କ ରହିବ ସେ ନେଇ ଆଲୋଚନା କରାଯାଇଥିଲା। ଏଥିରେ ଅଞ୍ଚଳର ବହୁ ଜନସାଧାରଣ, ବୁଦ୍ଧିଜୀବୀ ଯୋଗ ଦେଇଥିଲେ। ସେହିପରି ସମଲ ଥାନା ତରଫରୁ ଆମ ପୋଲିସ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଇଆଇସି ଚାରୁଲତା ବେହେରା ଏଥିରେ ଅଧକ୍ଷତା କରିଥିଲେ।

### ଘର ଭାଙ୍ଗିଲା, ଫସଲ ନଷ୍ଟ କଲା ଦନ୍ତା



ଛେଣ୍ଡିପଦା, ୩୦।୯(ସ୍ୱ.ପ୍ର.)- ଅନୁଗୋଳ ଜିଲା ଛେଣ୍ଡିପଦା ବନାଞ୍ଚଳ କରଡାବାହାଲି ଗ୍ରାମରେ ରବିବାର ବିଳମ୍ବିତ ରାତିରେ ଏକ ଦନ୍ତା ହାତୀ ପଶି ଘର ଭାଙ୍ଗିବା ସହ ପନିପରିବା ଫସଲ ନଷ୍ଟ କରିଛି। ଗ୍ରାମର ଦୀନବନ୍ଧୁ ସାହୁଙ୍କ ପୁଅ ପ୍ରଦୀପ କୁମାର ସାହୁଙ୍କ ପରିବାର ଘରେ ଶୋଇଥିବାବେଳେ ହାତୀଟି ଘର ବଗିଚାରେ ପଶି ମକା, ବୋଇତ କଖାରୁ ଆଦି ଖାଇଥିଲା। ଏହା ଜାଣିପାରି ପ୍ରଦୀପଙ୍କ ପରିବାର ଲୋକେ ଘରୁ ବାହାରି ଯାଇଥିଲେ। ପରେ ହାତୀଟି ଘର ଭାଙ୍ଗିଥିଲା। ଏ ନେଇ ବନ ବିଭାଗକୁ ଖବର ଦେବା ପରେ ବିଭାଗୀୟ କର୍ମଚାରୀ ସେଠାରେ ପହଞ୍ଚି ହାତୀକୁ ପାଖ ଜଙ୍ଗଲକୁ ଘଉଡାଇଥିଲେ। ଏ ସମ୍ପର୍କରେ ତହସିଲଦାରଙ୍କ ନିକଟରେ ଅଭିଯୋଗ ହେବାପରେ କ୍ଷତିପୂରଣ ଆକଳନ କରିବା ପାଇଁ ରାଜସ୍ୱ ନିରୀକ୍ଷକଙ୍କୁ ତହସିଲଦାର ନିର୍ଦ୍ଦେଶ ଦେଇଛନ୍ତି। କ୍ଷତିଗ୍ରସ୍ତଙ୍କୁ ତୁରନ୍ତ କ୍ଷତିପୂରଣ ଯୋଗାଇ ଦେବା ପାଇଁ ଦାବି ହୋଇଛି। ଅନ୍ୟପକ୍ଷରେ ଜଙ୍ଗଲ ଭିତରକୁ କେହି ନ ଯିବାକୁ ବନ ବିଭାଗ ପକ୍ଷରୁ ସ୍ଥାନୀୟ ଲୋକଙ୍କୁ ସତର୍କ କରାଯାଇଛି। ଏଥିସହ ସକାଳେ ସନ୍ଧ୍ୟାରେ ରାସ୍ତାରେ ଯାତାୟାତ ବେଳେ ସତର୍କତା ଅବଲମ୍ବନ କରିବାକୁ କୁହାଯାଇଛି। କୌଣସି ଅସୁବିଧା ହେଲେ ବନ ବିଭାଗକୁ ତୁରନ୍ତ ଖବର ଦେବାକୁ ବିଭାଗ ପକ୍ଷରୁ ଲୋକଙ୍କୁ ଜଣାଯାଇଛି।

### ଜଙ୍ଗଲେଶ୍ୱରୀଙ୍କ ମନ୍ଦିରର ରତ୍ନମୁଦ ଉତ୍ସବ

ଛେଣ୍ଡିପଦା,୩୦।୯(ଡି.ଏନ.ଏ)- ଅନୁଗୋଳ ବନଖଣ୍ଡ ତଥା ଜରପଡା ଫରେଷ୍ଟ ରେଞ୍ଜ କାର୍ଯ୍ୟାଳୟ ପରିସରରେ ନବ ନିର୍ମିତ ମା' ଜଙ୍ଗଲେଶ୍ୱରୀ ଦେବୀଙ୍କ ମନ୍ଦିରର ରତ୍ନମୁଦ ଉତ୍ସବ ସୋମବାର ପାଳିତ ହୋଇଯାଇଛି। ମା'ଙ୍କ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ପରେ କଳସଯାତ୍ରା, ହୋମଯଜ୍ଞ, ଅନ୍ନପ୍ରସାଦ ସେବନ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ଫରେଷ୍ଟ ରେଞ୍ଜ ଅଫିସର ହୃଦାନନ୍ଦ ନାଏକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଉତ୍ସବରେ ଜଙ୍ଗଲ ବିଭାଗ ଏସିଏଫ ବାସୁଦେବ ନାୟକ, ପ୍ରୋବେସନାରି ଆଇଏଫଏସ ଅଫିସର ପିକେ ମହାପାତ୍ର, ଫରେଷ୍ଟର ଲୋକନାଥ ପ୍ରଧାନଙ୍କ ସମେତ ବିଭାଗୀୟ କର୍ମଚାରୀ ମାନେ ଉପସ୍ଥିତ ଥିଲେ। କର୍ତ୍ତା ଭାବେ ବିଭାଗୀୟ କର୍ମଚାରୀ ଗତିକୃଷ୍ଣ ବେହେରା ଏବଂ ତାଙ୍କ ସହଧର୍ମିଣୀ କବିତା ସାହୁ ପୂଜାନୀତି ତୁଲାଇ ଥିଲେ। ପୁରୋହିତ ଭାବେ ଉମେଶ ଚନ୍ଦ୍ର ଦାଶ ଯୋଗ ଦେଇଥିଲେ। ସ୍ଥାନୀୟ ଅଞ୍ଚଳର ସମସ୍ତ ବନସୁରକ୍ଷା ସମିତି କର୍ମକର୍ତ୍ତା, ପଞ୍ଚାୟତସ୍ତରୀୟ ଜନପ୍ରତିନିଧି ତଥା ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

■ ୫-ଟି କାର୍ଯ୍ୟକାରିତା ନେଇ ଜିଲାସ୍ତରୀୟ ସମୀକ୍ଷା ବୈଠକ

# 'ସପ୍ତାହରେ ଦିନଟିଏ ଲୋକଙ୍କ ମତାମତ ନିଅ'



ବୈଠକରେ ଉପସ୍ଥିତ ପ୍ରଶାସନିକ ଅଧିକାରୀମାନେ।

**ଅନୁଗୋଳ ଅଫିସ, ୩୦।୯**

ଜିଲାସ୍ତରରେ ବିଭିନ୍ନ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଯୋଜନାର ସୁଫଳ ଲୋକମାନଙ୍କ ନିକଟରେ ସହଜରେ ଉପଲବ୍ଧ କରାଇବା ପାଇଁ ସରକାର ୫-ଟି (ସ୍ୱଚ୍ଛତା, ଦଳଗତ କାର୍ଯ୍ୟ, ବୈଷୟିକ ଜ୍ଞାନ, ସମୟ ଓ ରୂପାନ୍ତରଣ) ଉପରେ ଗୁରୁତ୍ୱ ଦେଉଛନ୍ତି। ତେଣୁ ନିଜ ବିଭାଗର କାର୍ଯ୍ୟ କିପରି ଚାଲିଛି ତାହାର ତଦାରଖ ସହ ସପ୍ତାହରେ ଗୋଟିଏ ଦିନ ଅଧସ୍ତନ କାର୍ଯ୍ୟାଳୟ ଗୁଡ଼ିକ ପରିଦର୍ଶନ କରି ଲୋକମାନଙ୍କ ମତାମତ ନେବାକୁ ଜିଲାପାଳ ମନୋଜ କୁମାର ମହାନ୍ତି ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି।

ସୋମବାର ଅପରାହ୍ନରେ ଜିଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧକ୍ଷତା କରି ଜିଲାପାଳ କହିଥିଲେ ଯେ, ସରକାରଙ୍କ ନିର୍ଦ୍ଦେଶ ମୁତାବକ ପ୍ରତ୍ୟେକ ମାସର ଚତୁର୍ଥ ଶନିବାର ବିଭାଗୀୟ ଅଧିକାରୀମାନେ ୫ଟିର କାର୍ଯ୍ୟକାରିତା ସମୀକ୍ଷା କରିବେ। ଏହାପରେ ଜିଲାପାଳ ସ୍ୱାସ୍ଥ୍ୟ, ଶିକ୍ଷା, ଜିଲା ସମାଜ ମଙ୍ଗଳ, ଉପକୃଷି ନିର୍ଦ୍ଦେଶକ ଓ ଉପକୃଷି ଉଦ୍ୟାନ ବିଭାଗ, ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ ଏବଂ ପୂର୍ତ୍ତ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ସମୀକ୍ଷା କରିଥିଲେ। ଶିକ୍ଷା ବିଭାଗରେ ଅଧାରୁ ପାଠ ପଢ଼ା ଛାଡ଼ିଥିବା ୫୭ ପିଲାଙ୍କୁ ତୁରନ୍ତ ସେମାନଙ୍କ ବୟସ ଅନୁପାତରେ ପାଠପଢ଼ାରେ ସାମିଲ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ମଧ୍ୟାହ୍ନ ଭୋଜନକୁ ଠିକ୍ ଭାବେ ପରିଚାଳନା ପାଇଁ କିଚେନ୍ ଗାର୍ଡେନ କାର୍ଯ୍ୟକାରୀ କରିବା ସହ ଗୁଣାତ୍ମକ ଶିକ୍ଷା ପ୍ରଦାନ ଉପରେ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ। ସେହିପରି ସାଧାରଣ ବଣ୍ଟନ ବ୍ୟବସ୍ଥାକୁ ଅଧିକ ସୁବ୍ୟବସ୍ଥିତ କରିବା, ଧାନ ସଂଗ୍ରହ କିପରି ସୁରୁଖୁରୁରେ ହୋଇପାରିବ ସେ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଚାଷୀମାନଙ୍କ ଦ୍ୱାରା ଉତ୍ପାଦିତ ପନିପରିବା ସଂରକ୍ଷଣ ପାଇଁ ଆବଶ୍ୟକ ଶୀତଳଭଣ୍ଡାର ନିର୍ମାଣ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଯେଉଁ ସ୍ଥାନରେ ପାଇପ୍ ଜଳଯୋଗାଣ କାର୍ଯ୍ୟରେ ବ୍ୟାଘାତ ସୃଷ୍ଟି ହେଉଛି ୩ ଦିନ ମଧ୍ୟରେ ତାହା ମରାମତି କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଆଠମଲ୍ଲିକର ଅଇଡ଼ା ଓ ଲୁହାସିଙ୍ଗା ଅଞ୍ଚଳରେ କିଡ୍‌ନୀ ରୋଗ ଦେଖାଦେଉଥିବାରୁ ପ୍ରତି ୬ ମାସରେ ଜଳ ନମୁନା ପରୀକ୍ଷା କରିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ପୂର୍ତ୍ତ ବିଭାଗ ଦ୍ୱାରା ୧୨ ଫୁଟ ପିଚୁ ରାସ୍ତା ପାର୍ଶ୍ୱରେ ଉପଯୋଗିତା ବାରଣ୍ଡା, ଅନୁଗୋଳ ଷ୍ଟାଡିୟମରେ ୮ ଫୁଟ ପାଦ ଚଲା ରାସ୍ତା, ଗ୍ୟାଲେରି ମରାମତି ଓ ଏହାର ଆଧୁନିକୀକରଣ କାର୍ଯ୍ୟକ୍ଷମ ଶୀଘ୍ର ଆରମ୍ଭ କରିବାକୁ ବିଭାଗୀୟ ଯନ୍ତ୍ରୀଙ୍କୁ ଜିଲାପାଳ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଅତୁଲ୍ୟ କୁମାର ଚମ୍ପତିରାୟ, ତାଳଚେର ଉପଜିଲାପାଳ ପରେଶ ଚନ୍ଦ୍ର ନାୟକ, ଆଠମଲ୍ଲିକ ଉପଜିଲାପାଳ ଡ. ରଜନୀକାନ୍ତ ବିଶ୍ୱାଳ, ପାଲଲହଡ଼ା ଉପଜିଲାପାଳ ଅଜିତ କୁମାର ପ୍ରଧାନ, ଡେପୁଟି କଲେକ୍ଟର ବୈତୁରା ଦୀପ୍ତଙ୍କ ସମେତ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀମାନେ ଯୋଗଦେଇଥିଲେ।

# ବିଦ୍ୟାଳୟର ସାମଗ୍ରିକ ଅଭିବୃଦ୍ଧିରେ ସହାୟକ ହୁଅ



ବ୍ଲକସ୍ତରୀୟ ଶାଳା ସିଦ୍ଧି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

**ବଣ୍ଡରପାଳ, ୩୦।୯ (ଡି.ଏନ୍.ଏ.)**

ବଣ୍ଡରପାଳ ବ୍ଲକ ପୀଢ଼ସାହି ଉ.ପ୍ରା. ବିଦ୍ୟାଳୟ ପ୍ରାଙ୍ଗଣରେ ଏକ ମଣ୍ଡଳସ୍ତରୀୟ ପ୍ରଧାନଶିକ୍ଷକ ସମ୍ମିଳନୀ ଓ ଶାଳା ସିଦ୍ଧି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଏକଦିବସୀୟ ଶାଳା ସିଦ୍ଧି ତାଲିମ ଶିବିରକୁ ବ୍ଲକ ଶିକ୍ଷା ଅଧିକାରୀ ଲଳିତ ମୋହନ ସାହୁ ଉଦ୍‌ଘାଟନ କରିବା ସହ ପ୍ରତ୍ୟେକଟି ବିଦ୍ୟାଳୟର ଶୈକ୍ଷିକ ଅଭିବୃଦ୍ଧି କିପରି ହୋଇପାରିବ ତାହା ବକ୍ତବ୍ୟରେ ଉଲ୍ଲେଖ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନୁଗୋଳ ଜିଲା ଶୈକ୍ଷିକ ସଂଯୋଜକ ମନୋରଞ୍ଜନ ସାହୁ, ଏବିଇଓ ଜିତେନ୍ଦ୍ର କୁମାର ମିଶ୍ର ଉପସ୍ଥିତ ରହି ସମସ୍ତ ପ୍ରଧାନଶିକ୍ଷକ ଶାଳା ସିଦ୍ଧି ସମ୍ପର୍କିତ ତଥ୍ୟକୁ ଗ୍ରହଣ କରି ଆଗାମୀ ଦିନରେ ବିଦ୍ୟାଳୟର ସାମଗ୍ରିକ ଅଭିବୃଦ୍ଧିରେ ସହାୟକ ହେବା ପାଇଁ ଆହ୍ୱାନ ଦେଇଥିଲେ। ବ୍ଲକର ୮ଟି କ୍ଲଷ୍ଟର ଅନ୍ତର୍ଗତ ସମସ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଓ ଶିକ୍ଷକ ଉପସ୍ଥିତ ଥିଲେ। ସାଧନକର୍ମୀ ହେମନ୍ତ କୁମାର ସାହୁ, ସୌମ୍ୟରଞ୍ଜନ ଗଡ଼ନାୟକ, ଅମୂଲ୍ୟ ଧଳ, ସନ୍ତୋଷ ସାମଲ, କୁମୁଦ ଚନ୍ଦ୍ର ବେହେରା ପ୍ରମୁଖ ଯୋଗଦାନ କରିଥିଲେ। ବରିଷ୍ଠ ଶିକ୍ଷକ ପ୍ରଦୀପ କୁମାର ମାଝି ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ସମସ୍ତ ସିଆର୍‌ସିସି ଓ ପିଢ଼ସାହିର ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।

## ଚାରା ରୋପଣ, ଯତ୍ନ ନେବାକୁ ଶପଥ



ଚାରା ରୋପଣରେ ସାମିଲ ହୋଇଥିବା ଅନୁଷ୍ଠାନର କର୍ମକର୍ତ୍ତା, ଅଧ୍ୟାପକ ଓ ଛାତ୍ରମାନେ।

**ଅନୁଗୋଳ ଅଫିସ, ୩୦।୯**

ଅନୁଗୋଳ ଜିଲା ବନ୍ତଲାସ୍ଥିତ ଚନ୍ଦ୍ରଶେଖର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ 'ଆମ ଅନୁଗୋଳ ଆମ ଗୌରବ' ପକ୍ଷରୁ ସଭାପତି ଚନ୍ଦ୍ରକାନ୍ତ ଧଳଙ୍କ ଆବାହକତ୍ୱରେ ଚାରାରୋପଣ ତଥା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର କର୍ମକର୍ତ୍ତାମାନଙ୍କ ସହିତ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଫଳ ଓ ଜଙ୍ଗଲଜାତ ଚାରା ରୋପଣ କରିଥିଲେ। ବିଦ୍ୟାଳୟ ଅଧକ୍ଷ ଅଜୟ କୁମାର ସାହୁ, ଅଧ୍ୟାପକ ମାନସ ରଞ୍ଜନ ଦ୍ୱିବେଦୀ ଓ ଅଧୀରାଜ ପ୍ରଧାନ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ସମସ୍ତ ଛାତ୍ରୀଛାତ୍ର ଚାରା ରୋପଣ ସହ ତାହାର ଯତ୍ନ ନେବାକୁ ଶପଥ ନେଇଥିଲେ। ଅନୁଷ୍ଠାନର କାର୍ଯ୍ୟକର୍ତ୍ତା ଅମୀୟ ତ୍ରିପାଠୀ, ନିଝାର ଅଲ୍ଲୀ ଦାମାନୀ, ଗୋଲକ କୁମାର ସାହୁ, ସୁଧୀର ରଞ୍ଜନ ସାହୁ, ବ୍ରଜବନ୍ଧୁ ଦେହୁରୀ, ଦୀପକ କୁମାର ସାହୁ, ଜିତେନ୍ଦ୍ର ସାହୁ, ଶରତ ସାହୁ, ଆଦିତ୍ୟ, ଅଲତାଫ ଅଲ୍ଲୀ, ରାଜକୁମାର ସାମଲ, ସୁବ୍ରତ ସାହୁ, ରିଣ୍ଟୁ ସ୍ୱାଇଁ, ରିଙ୍କୁ ବିଶ୍ୱାଳ, ପ୍ରଶାନ୍ତ ବେହେରା, ମହାଦେବ ଶର୍ମା, ସମୀର ବେହେରା, କ୍ରିଷ୍ଣା ଦେହୁରୀ, ହାଇଦର ଅଲ୍ଲୀ ଓ ସିତେନ୍ଦ୍ର ସେନାପତି ପ୍ରମୁଖ ଯୋଗଦେଇଥିଲେ।

## ମଙ୍ଗଳବାର ଖୋଲିବ ରେଙ୍ଗାଳି ଗେଟ୍

**କଣିହାଁ,୩୦।୯(ଡି.ଏନ.ଏ)**

ଅନୁଗୋଳ ଜିଲା କଣିହାଁସ୍ଥିତ ବ୍ରାହ୍ମଣୀ ନଦୀ ରେଙ୍ଗାଳି ଡ୍ୟାମରେ ଜଳସ୍ତର ବିପଦ ସଙ୍କେତ ଉର୍ଦ୍ଧ୍ୱରେ ରହିଛି। ଏ ନେଇ ମଙ୍ଗଳବାର ଅକ୍ଟୋବର ମାସର ପ୍ରଥମ ଦିନରେ ବନ୍ୟାଜଳ ନିଷ୍କାସନ ପାଇଁ ଗେଟ୍ ଖୋଲିବ ବୋଲି ନଦୀ ବନ୍ଧ ତଳମୁଣ୍ଡରେ ଥିବା ଗ୍ରାମବାସୀଙ୍କୁ ସଚେତନ କରାଯାଇଛି। ଡ୍ୟାମ ଅବବାହିକା ନିର୍ବାହୀ ଯନ୍ତ୍ରୀ ଅଜିତ୍ କୁମାର ଜେନା କହିଛନ୍ତି, ଡ୍ୟାମର ସର୍ବୋଚ୍ଚ ଜଳ ଧାରଣା କ୍ଷମତା ୧୨୫.୪୦ ମିଟର ହୋଇଥିବାବେଳେ ବିପଦ ସଙ୍କେତ ସ୍ତର ୧୧୩.୫୦ ମିଟର ଧାର୍ଯ୍ୟ ହୋଇଛି। ଉପରମୁଣ୍ଡରେ ବର୍ଷା ଯୋଗୁ ଖବରଲେଖା ପର୍ଯ୍ୟନ୍ତ ପ୍ରତି ସେକେଣ୍ଡରେ ଶାଖା ନଦୀରୁ ୩୦୨୭ ଘନ ମିଟରରୁ ଅଧିକ ଜଳ ଡ୍ୟାମରେ ପ୍ରବେଶ କରୁଛି। ବିଦ୍ୟୁତ୍ ଉତ୍ପାଦନକୁ ନେଇ ମାତ୍ର ୫୨୭ ଘନ ମିଟର ଜଳ ପାୱାର ହାଉସରୁ ନିଷ୍କାସନ ହେଉଛି। ଡ୍ୟାମରେ ଜଳସ୍ତର ବୃଦ୍ଧି ପାଇଁ ବିପଦସଙ୍କୁଳ ଟପିଥିବାବେଳେ ୧୨୩.୭୧ ମିଟର ରହିଛି। ୩ୟ ଥର ପାଇଁ ମଙ୍ଗଳବାର ସକାଳ ୯ଟା ସୁଦ୍ଧା ଗୋଟିଏ ଗେଟ ଖୋଲାଯାଇ ବନ୍ୟାଜଳ ନିଷ୍କାସନ କରାଯିବ।

## ଯୁବଜ୍ୟୋତି ଯୁବକ ସଂଘ ତରଫରୁ ସଫେଇ



**ପବିତ୍ରନଗର,୩୦।୯(ଡି.ଏନ.ଏ)**

ଅନୁଗୋଳ ଜିଲା କଣିହାଁ ବ୍ଲକ ଗୌଣିଘଷା ଗ୍ରାମର ଯୁବଜ୍ୟୋତି ଯୁବକ ସଂଘ ତରଫରୁ ସଫେଇ କରାଯାଇଛି। ସଂଘ ସଭାପତି ପ୍ରେମାନନ୍ଦ ସାହୁଙ୍କ ନେତୃତ୍ୱରେ ସଦସ୍ୟମାନେ ଗ୍ରାମ ପୋଖରୀ ହୁଡାରେ ଥିବା ଅନାବନା ଗଛ ଲତା କାଟି ସଫାକରିବା ସହ ସେଥିରେ ନଡ଼ିଆ ଗଛ ଲଗାଇ ଥିଲେ। କିଛି ବର୍ଷ ପରେ ନଡିଆ ଗଛରୁ ଲାଭ ମିଳିଲେ ଗ୍ରାମର ଉନ୍ନତିମୂଳକ କାର୍ଯ୍ୟରେ ଲାଗିବ ବୋଲି ସଭାପତି କହିଛନ୍ତି। ଏହି କାର୍ଯ୍ୟକ୍ରମରେ ସଂଘ ଉପସଭାପତି ଲିପୁନ ସାହୁ, ସମ୍ପାଦକ କାଳନ୍ଦି ମହାପାତ୍ର, ପ୍ରଶାନ୍ତ ସାହୁ, କାଳିଆ ସାହୁ, ମୁନିନ୍ଦ୍ର ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ଶିବ ମନ୍ଦିରରେ ବିଶ୍ୱଶାନ୍ତି ନାମଯଜ୍ଞ

**ଛେଣ୍ଡିପଦା,୩୦।୯(ଡି.ଏନ.ଏ)**

ଛେଣ୍ଡିପଦା ବ୍ଲକ ଟାଙ୍ଗିରୀ ପଞ୍ଚାୟତ ଅଧିନ ପୁରୁଣାଗଡ ଗ୍ରାମର ଶୈବପୀଠ ବାବା ବରାଳ ବାଲୁଙ୍କେଶ୍ୱର ମହାଦେବ ମନ୍ଦିର ପରିସରରେ ୨ ଦିନ ଧରି ଚାଲିଥିବା ବିଶ୍ୱଶାନ୍ତି ନାମଯଜ୍ଞ ସୋମବାର ଉଦ୍‌ଯାପିତ ହୋଇଛି। ଏହି ଅବସରରେ କଳସଯାତ୍ରା, ପୁରାଣପାଠ ଆଦି ଆୟୋଜନ କରାଯାଇଥିଲା। ପ୍ରଥମେ ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା ଝାରୀକୁଆଦେଇଙ୍କ ଆଲମକୁ ଯଜ୍ଞସ୍ଥଳକୁ ଅଣାଯାଇଥିଲା। ସେଠାରେ ବିଭିନ୍ନ ପୂଜାନୀତି କରାଯାଇଥିଲା। ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ପୁରୋହିତ ଭାବେ ସନ୍ତୋଷ ମହାପାତ୍ର, ବିପିନ ମହାପାତ୍ର ଯୋଗ ଦେଇଥିଲେ। ମନ୍ଦିର ପୂଜକ ଶ୍ରୀବସ୍ତ ମହାପାତ୍ର, ପ୍ରମୋଦ କୁମାର ମହାପାତ୍ର ପୂଜାନୀତି କରିଥିଲେ। ଗ୍ରାମ ପରିଚାଳନା କମିଟି ସଭାପତି ରୋହିତ କୁମାର ସାହୁ, ସମ୍ପାଦକ ତପନ କୁମାର ସାହୁ, ଡିଲେଶ୍ୱର ସାହୁ, ବିଜୟ ସାହୁ, ସଞ୍ଜୟ ସାହୁଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ।

# ଛୋଟପିଲାଙ୍କୁ ଗାଡ଼ି ଚାଳନା ମନା




**ବନ୍ତଲା,୩୦।୯(ଡି.ଏନ.ଏ)**

ଅନୁଗୋଳ ଜିଲା ବନ୍ତଲା ଥାନା ପରିସରରେ ସୋମବାର ଆମ ପୋଲିସ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଇଆଇସି ପ୍ରଦୀପ କୁମାର ପ୍ରଧାନ ଏଥିରେ ଅଧକ୍ଷତା କରିଥିଲେ। ବନ୍ତଲା ଅଞ୍ଚଳରେ ବିଭିନ୍ନ ପର୍ବପର୍ବାଣି, ବାହାଘର, ପ୍ରସେଶନ ଆଦିରେ ଉଚ୍ଚ ଶବ୍ଦଯୁକ୍ତ ଡିଜେ ବାଜୁଥିବାରୁ ଏଣିକି ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ କୌଣସି ଉତ୍ସବରେ ଅଳ୍ପ ସାଉଣ୍ଡରେ ଡିଜେ ବଜାଇବା ପାଇଁ ଉପଜିଲାପାଳଙ୍କ ନିକଟରୁ ଅନୁମତି ଆଣିବା ନେଇ ଆଲୋଚନା ହୋଇଥିଲା। ଏଥିସହ ଅନୁମତି ସମ୍ପର୍କରେ ଥାନାରେ ଜଣାଇ ଥାନା ଅଧିକାରୀ ଅନୁମତି ଦେଲେ ଅଳ୍ପ ସାଉଣ୍ଡ ବଜାଇବେ ଓ ଏହାକୁ ଅବମାନନା କଲେ ଆଇଆଇସିଙ୍କ ମୋବାଇଲ ନଂ. ୯୪୩୮୯୧୬୪୩୫ ଓ ଥାନା ଲ୍ୟାଣ୍ଡ ନଂ ୦୬୭୬୪-୨୮୬୧୧୯ରେ ଜଣାଇପାରିବେ ବୋଲି କୁହାଯାଇଥିଲା। ସେହିପରି ଛୋଟ ପିଲାମାନେ ଗାଡ଼ି ଚଳାଇବା ଯୋଗୁ ଦୁର୍ଘଟଣା ବଢୁଛି। ସେଥିପାଇଁ ଛୋଟପିଲା ଗାଡି ଚଳାଇବା ସମ୍ପୂର୍ଣ୍ଣ ମନା ଏବଂ ଧରାପଡିଲେ ଗାଡି ମାଲିକ, ଚାଳକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆଇଆଇସି ମତପ୍ରକାଶ କରିଥିଲେ। ବୈଠକରେ ସଦସ୍ୟ ଲକ୍ଷଣ ସାହୁ, ସୁବାଷ ସାହୁ, ଟୁନା ମହାକୁଡ଼, ସଞ୍ଜୟ ଦାସ, ଦିନେଶ ଦେହୁରୀ, ଦେବ ସ୍ୱାଇଁ, ହରିହର ସାହୁଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

# 'ବ୍ରହ୍ମୋସ୍'ର ବ୍ୟାବହାରିକ ପରୀକ୍ଷା ସଫଳ



'ବ୍ରହ୍ମୋସ୍' କ୍ଷେପଣାସ୍ତ୍ରର ଉତ୍କ୍ଷେପଣ କରାଯାଉଛି।

**ବାଲେଶ୍ୱର ଅଫିସ, ୩୦।୯**

ବାଲେଶ୍ୱର ଜିଲା ଚାନ୍ଦିପୁରସ୍ଥିତ ସମନ୍ୱିତ ପରୀକ୍ଷଣ ପରିସର (ଆଇଟିଆର୍) ୩ନଂ. ଉତ୍କ୍ଷେପଣ କେନ୍ଦ୍ରରୁ ସୋମବାର ପୂର୍ବାହ୍ନ ୧୦ଟା ୩୦ ମିନିଟ୍‌ରେ ସୁପରସୋନିକ୍ କ୍ରୁଜ କ୍ଷେପଣାସ୍ତ୍ର 'ବ୍ରହ୍ମୋସ୍'ର ବ୍ୟାବହାରିକ ପରୀକ୍ଷା ସଫଳ ହୋଇଛି। ଭୂପୃଷ୍ଠରୁ ଭୂପୃଷ୍ଠକୁ ନିକ୍ଷେପ କରାଯାଇପାରୁଥିବା ଏହି କ୍ଷେପଣାସ୍ତ୍ର 'ବ୍ରହ୍ମୋସ୍'ର ବିକଶିତ ମଡେଲ। ଏହି ପରୀକ୍ଷା ସମୟରେ ସେନା ଓ ଡିଆର୍‌ଡିଓ (ଡିଫେନ୍ସ ରିସର୍ଚ୍ଚ ଆଣ୍ଡ ଡେଭେଲପ୍‌ମେଣ୍ଟ ଅର୍ଗାନାଇଜେଶନ୍)ର ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ।

ଡିଆର୍‌ଡିଓ ଓ ସେନାବାହିନୀର ମିଳିତ ସହଯୋଗରେ ପରୀକ୍ଷା କରାଯାଇଥିବା ଏହି କ୍ଷେପଣାସ୍ତ୍ରର ଓଜନ ୩ ହଜାର କିଲୋଗ୍ରାମ୍। ୮.୪ ମିଟର ଲମ୍ବ ବିଶିଷ୍ଟ ଏହି କ୍ଷେପଣାସ୍ତ୍ରର ଲକ୍ଷ୍ୟଭେଦ ଦୂରତା ୨୯୦ରୁ ୪୫୦ କି.ମି.। ଦୁଇ ପର୍ଯ୍ୟାୟ ଇଞ୍ଜିନ୍ ବିଶିଷ୍ଟ ଉକ୍ତ କ୍ଷେପଣାସ୍ତ୍ର ୨୦୦ କିଲୋଗ୍ରାମ୍ ଓଜନର ଯୁଦ୍ଧାସ୍ତ୍ର ବହନ କରିବାର କ୍ଷମତା ରଖିଛି। ଆକାଶ ମାର୍ଗରେ ସ୍ୱଳ୍ପ ଉଚ୍ଚତାରେ ଥାଇ 'ବ୍ରହ୍ମୋସ୍' ଅକ୍ଲେଶରେ ଶତ୍ରୁ ପକ୍ଷର ଟାର୍ଗେଟ୍‌କୁ ନଷ୍ଟ କରିଥାଏ। ଭାରତ ଓ ରୁଷ୍‌ର ମିଳିତ ସହଯୋଗରେ ଡିଆର୍‌ଡିଓ ପକ୍ଷରୁ ପ୍ରସ୍ତୁତ ଏହି କ୍ଷେପଣାସ୍ତ୍ର ଏକ ନିର୍ଭରଯୋଗ୍ୟ କ୍ଷେପଣାସ୍ତ୍ର ଅଟେ। ଏହାର ପ୍ରଥମ ପରୀକ୍ଷା ୨୦୧୭ ମାର୍ଚ୍ଚ ୧୧ ତାରିଖରେ ହୋଇଥିଲା। ସଫଳ ମଧ୍ୟ ହୋଇଥିଲା। କ୍ଷେପଣାସ୍ତ୍ର ପରୀକ୍ଷା ସଫଳ ହେବା ପରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, ଡିଆର୍‌ଡିଓ ଚେୟାରମ୍ୟାନ୍ ଜି. ସତିସ ରେଡ୍ଡୀ ଏବଂ ଡିଜି ମିଶାଇଲ୍ ଆଣ୍ଡ ଷ୍ଟ୍ରାଟେଜିକ୍ ସିଷ୍ଟମ୍‌ସ ଏମ୍‌ଏସ୍‌ଆର୍ ପ୍ରସାଦ ଶୁଭେଚ୍ଛା ଜଣାଇଛନ୍ତି। ଡିଜି (ବ୍ରହ୍ମୋସ୍) ସୁଧୀର କୁମାର ମିଶ୍ର, ଡିଆର୍‌ଡିଏଲ୍ ଡାଇରେକ୍ଟର ଦଶରଥ ରାମ ଏବଂ ଆଇଟିଆର୍ ନିର୍ଦ୍ଦେଶକ ବିନୟ କୁମାର ଦାସ ପ୍ରମୁଖ ଉପସ୍ଥିତ ରହି ଭାରତ ତାର ପ୍ରତିରକ୍ଷା ଶକ୍ତିକୁ ସୁଦୃଢ଼ କରିବା ଦିଗରେ ଉକ୍ତ କ୍ଷେପଣାସ୍ତ୍ର ସାମର୍ଥ୍ୟ ରଖିଛି ବୋଲି କହିଛନ୍ତି।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. ORIORI/2005/14846 Postal Regd. No. BN/42/18-20. Edition Phone (06762) 224254, (06764) 237556 ଢେଙ୍କାନାଳ, ମଙ୍ଗଳବାର, ୧ ଅକ୍ଟୋବର /୨୦୧୯, Dhenkanal, Tuesday, October 1 / 2019

## ସଂକ୍ଷେପରେ

**ବିଦ୍ୟୁତ୍ ଆଘାତରେ ବୃଦ୍ଧାଙ୍କ ମୃତ୍ୟୁ ଘଟଣା**

### କ୍ଷତିପୂରଣ ଦାବିରେ ଉତ୍ତେଜନା

ଛେଣ୍ଡିପଦା, ୩୦।୯(ସ୍ୱ.ପ୍ର.)- ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ମାଛକୁଟା ଗ୍ରାମରେ ରବିବାର ବିଦ୍ୟୁତ ଆଘାତରେ ବିଦେଶୀ ନାଏକଙ୍କ ସ୍ତ୍ରୀ ଲୀଳାବତିଙ୍କ ମୃତ୍ୟୁ ଘଟଣାରେ ସୋମବାର ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଉତ୍ତେଜନା ଦେଖାଦେଇଥିଲା। ଏନଜେନର ଅବହେଳା ଯୋଗୁ ଲୀଳାବତିଙ୍କ ମୃତ୍ୟୁ ଘଟିଥିବା ପରିବାର ଓ ଗ୍ରାମବାସୀ ଅଭିଯୋଗ କରି ତୁରନ୍ତ ତାଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ ଦାବିରେ ଅଡ଼ି ବସିଥିଲେ। ଖବରପାଇ ଛେଣ୍ଡିପଦା ଥାନା ଅଧିକାରୀ ସତ୍ୟବ୍ରତ ରାଉତ ଓ ଏନଜେନ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା କରି ମୃତଦେହ ସତ୍କାର ପାଇଁ ୧୫ହଜାର ଟଙ୍କା ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଥିଲା।

### ଅକ୍ଟୋବର ମାସ ପାଇଁ ଜନଶୁଣାଣି କାର୍ଯ୍ୟକ୍ରମ

ଅନୁଗୋଳ ଅଫିସ, ୩୦।୯- ଅନୁଗୋଳ ଜିଲାପାଳ ମନୋଜ କୁମାର ମହାନ୍ତିଙ୍କ ଅକ୍ଟୋବର ମାସ ପାଇଁ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ସ୍ଥିର ହୋଇଛି। ଏଥିରେ ଜିଲାପାଳ ମନୋଜ କୁମାର ମହାନ୍ତି ଓ ଆରକ୍ଷୀ ଅଧିକ୍ଷକ ଜଗମୋହନ ମୀନାଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଯୋଗଦେବେ। ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଅକ୍ଟୋବର ୯ (ବୁଧବାର) ପୂର୍ବାହ୍ନ ୧୦ଟାରେ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ତାଳଚେର ବ୍ଲକ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହେବ। ସେହିପରି ୧୪ ତାରିଖ (ସୋମବାର) ପୂର୍ବାହ୍ନ ୧୦ଟାରେ ଜିଲା କାର୍ଯ୍ୟାଳୟ, ୨୧ ତାରିଖ (ସୋମବାର) ପୂର୍ବାହ୍ନ ୧୦ଟାରେ ବଣ୍ଡଁରପାଳ ବ୍ଲକ କାର୍ଯ୍ୟାଳୟ ଓ ୨୮ ତାରିଖ (ସୋମବାର) ପୂର୍ବାହ୍ନ ୧୦ଟାରେ ଆଠମଲ୍ଲିକ ବ୍ଲକ କାର୍ଯ୍ୟାଳୟରେ ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି। ସେହିପରି ୨୮ ତାରିଖ (ସୋମବାର) ଅପରାହ୍ନ ୩ଟାରେ ଆଠମଲ୍ଲିକ ବ୍ଲକର ସାନହୁଲା ପଞ୍ଚାୟତ ଠାରେ କୃଷି ସମାଧାନ ଶିବିର ଅନୁଷ୍ଠିତ ହେବ ବୋଲି କାର୍ଯ୍ୟକ୍ରମ ସ୍ଥିର ହୋଇଛି। ଏହି ସମସ୍ତ ଅଞ୍ଚଳର ଜନସାଧାରଣ ଯୋଗଦେଇ ନିଜ ନିଜର ଆପତ୍ତି ଅଭିଯୋଗ ଉପସ୍ଥାପନ କରିବାକୁ ଜିଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

### ଧର୍ମପରାୟଣ ବ୍ୟକ୍ତିଙ୍କ ପରଲୋକ



ବଣ୍ଡଁରପାଳ, ୩୦।୯ (ଡି.ଏନ୍.ଏ.)- ବଣ୍ଡଁରପାଳ ବ୍ଲକ ବଡ଼ଖଳୀ ଗ୍ରାମର ଧର୍ମପରାୟଣ ବ୍ୟକ୍ତି ନାକପୋଡ଼ି ବେହେରା(୮୫)ଙ୍କ ପରଲୋକ ହୋଇଯାଇଛି। ସେ ଦୀର୍ଘଦିନ ଧରି ଅସୁସ୍ଥ ଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ୫ ପୁଅ, ବୋହୂ, ନାତୁଣୀନାତି ଓ ପରିବାରବର୍ଗ ଉପସ୍ଥିତ ଥିଲେ। ଧରିତ୍ରୀର ବଣ୍ଡଁରପାଳ ଏଜେଣ୍ଟ ମହେଶ୍ୱର ବେହେରାଙ୍କ ସେ ପିତା ଅଟନ୍ତି।

# ଜନଶୁଣାଣି ଶିବିରରେ ୧୬୯ ଅଭିଯୋଗ

ଅନୁଗୋଳ ଅଫିସ, ୩୦।୯



ଶିବିରରେ ଲୋକେ ଜିଲାପାଳଙ୍କ ନିକଟରେ ଅଭିଯୋଗ ଦାଖଲ କରୁଛନ୍ତି।

ଅନୁଗୋଳ ଜିଲା କାର୍ଯ୍ୟାଳୟ କୋର୍ଟରୁମ୍ ଠାର ଜିଲାସ୍ତରୀୟ ମିଳିତ ଜନଶୁଣାଣି ଶିବିର ସୋମବାର ଜିଲାପାଳ ମନୋଜ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଆରକ୍ଷୀ ଅଧୀକ୍ଷକ ଜଗମୋହନ ମୀନା ଉପସ୍ଥିତ ଥିଲେ। ଶିବିରରେ ଦାଖଲ ହୋଇଥିବା ସମୁଦାୟ ୧୬୯ଟି ଅଭିଯୋଗରୁ ୧୫୩ଟି ବ୍ୟକ୍ତିଗତ ଓ ୧୬ଟି ଗ୍ରାମ୍ୟ ଭିତ୍ତିକ ସମସ୍ୟାର ଶୁଣାଣି କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଜିଲାପାଳ ପରାମର୍ଶ ଦେଇଥିଲେ। ଜିଲା ରେଡକ୍ରସ ପାଣ୍ଠିରୁ ୧୯ ଜଣଙ୍କୁ ୫୫ ହଜାର ଟଙ୍କା ଓ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୬ ଜଣଙ୍କୁ ୩୦ ହଜାର ଟଙ୍କାର ଆର୍ଥିକ ସହାୟତା ଚିକିତ୍ସା ପାଇଁ ପ୍ରଦାନ କରାଯାଇଥିଲା। ଏହି ଶିବିରକୁ ଆସିଥିବା ଲୋକମାନେ ସାଧାରଣତଃ ଭତ୍ତା, ଇନ୍ଦିରାଆବାସ, ବିଜୁ ପକ୍କାଘର, ପାନୀୟ ଜଳ ଯୋଗାଣ, ବିଦ୍ୟୁତ ସମସ୍ୟା, ରାସ୍ତା ନିର୍ମାଣ, ଶିକ୍ଷା, ସ୍ୱାସ୍ଥ୍ୟ, ବିସ୍ଥାପନ ଓ ବିଭିନ୍ନ ରୋଗର ଚିକିତ୍ସା ପାଇଁ ଜିଲାପାଳଙ୍କୁ ଗୁହାରି କରିଥିଲେ। ଏହାଛଡ଼ା ଜିଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା କିଡ୍‌ନୀ ରୋଗୀମାନେ ସେମାନଙ୍କ ପାଇଁ ସ୍ୱତନ୍ତ୍ର ଚିକିତ୍ସା ସେବା ଯୋଗାଇ ଦେବାକୁ ଜିଲାପାଳଙ୍କୁ ଅନୁରୋଧ କରିଥିଲେ। ଏହି ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଅତୁଲ୍ୟ କୁମାର ଚମ୍ପତିରାୟ, ଡେପୁଟି କଲେକ୍ଟର ବଇତୁରା ଦୀପ୍ ଓ ସରିତା ପ୍ରଧାନ ଏବଂ ଆସିଷ୍ଟାଣ୍ଟ କଲେକ୍ଟର ଇସାନି ପଣ୍ଡାଙ୍କ ସମେତ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ।

## ବାର୍‌ହା ଶିକାର, ଜଣେ ଗିରଫ

ଆଠମଲ୍ଲିକ, ୩୦।୯(ଡି.ଏନ.ଏ.)

ଆଠମଲ୍ଲିକ ବନବିଭାଗ ବାରହା ଶିକାର ଅଭିଯୋଗରେ ଠାକୁରଗଡ ଥାନା ଧଣ୍ଡାତୋପା ଗ୍ରାମର ନିର୍ମଳ କର୍ଣ୍ଣଙ୍କୁ ଗିରଫ କରିଛି। ନିର୍ମଳ ଗତ ୫ ଦିନ ଧରି ଆଠମଲ୍ଲିକ ଥାନା ନୁଆଗଡ ଗ୍ରାମସ୍ଥିତ ତାଙ୍କ ଶ୍ୱଶୁର ଘାସିରାମ ଦେହୁରୀଙ୍କ ଘରେ ରହି ବାର୍‌ହା ଶିକାର କରିଥିବା ଅଭିଯୋଗ ହୋଇଥିଲା। ଖବରପାଇ ଆଠମଲ୍ଲିକ ଡିଏଫଓ ସମ୍ୟକ ସାମନ୍ତରାଙ୍କ ନିର୍ଦ୍ଦେଶକ୍ରମେ ଆଠମଲ୍ଲିକ ରେଞ୍ଜର ଫରେଷ୍ଟର, ଗାର୍ଡ ଘାସିରାମଙ୍କ ଘରେ ଚଢ଼ାଉ କରିଥିଲେ। ଚଢ଼ାଉବେଳେ ଘର ପଛପଟ କୂଅରେ ଲୁଚାଇ ରଖିଥିବା ବାରହା ମୁଣ୍ଡକୁ ବନ ବିଭାଗ ଜବତ କରିବା ସହ ନିର୍ମଳଙ୍କୁ ଗିରଫ କରାଯାଇଥିଲା। ଘାସିରାମଙ୍କୁ ପୋଲିସ ପାଇ ନ ଥିବା ଜଣାପଡିଛି।



ଢେଙ୍କାନାଳ ଜିଲା କୁବୁଲିଟାଉନସ୍ଥିତ କନକ ଦୁର୍ଗାଙ୍କ ପୀଠରେ ମା'ଙ୍କ ବାଲା ସୁନ୍ଦରୀ ତ୍ରିପୁରା ବେଶ।

# ମା' ତାରିଣୀଙ୍କ ବାର୍ଷିକୋତ୍ସବ ପାଳନ



ତାଳଚେର,୩୦।୯(ନି.ପ୍ର.)

ତାଳଚେର ବ୍ଲକ ସାଉଥବଲଣ୍ଡା ବସ୍‌ଷ୍ଟାଣ୍ଡରେ ମା' ତାରିଣୀଙ୍କ ୧୫ତମ ବାର୍ଷିକ ଜନ୍ମୋତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ମା' ତାରିଣୀ ଟାକ୍ସି ଡ୍ରାଇଭର ସଂଘ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବହୁ ଶ୍ରଦ୍ଧାଳୁ ଯୋଗଦେଇ କଳସ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଏହାପରେ ମା' ତାରିଣୀଙ୍କ ପୀଠରେ ଏକ ଯଜ୍ଞର ଆୟୋଜନ କରାଯାଇଥିଲା। ପୂଜକ ରତ୍ନାକର ମିଶ୍ରଙ୍କ ପୌରୋହିତ୍ୟରେ ପୂଜା କାର୍ଯ୍ୟ ସହ ଯଜ୍ଞକାର୍ଯ୍ୟ କରାଯାଇଥିଲା। ଏହି ଉତ୍ସବରେ ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଯୋଗଦେଇ ମା'ଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ସଂଘ ସଭାପତି ମନୋଜ କୁମାର ଶତପଥୀ, ସମ୍ପାଦକ ରଞ୍ଜନ ସାହୁ, ତ୍ରିପୁର ସାହୁ, ରଙ୍ଗାଧର ନାୟକ, ପ୍ରଦୀପ୍ତ ଜେନା, କିଶୋରୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଛକଡି ସାହୁ, ବାନାମ୍ବର ପ୍ରଧାନ, ଅମର ସାହୁ, ମାନସ ଗଡନାୟକ, ସନ୍ତୋଷ ଗଡନାୟକ, ସୁଶାନ୍ତ ସାହୁ, ରମେଶ ବିଶ୍ୱାଳ, ମନ୍ମଥ ସାମଲ, ଶୁଭକାନ୍ତ ପ୍ରଧାନ, ରୁଦ୍ର ସାମଲ, ଗଣେଶ ସାହୁ, ମୁନା ସାହୁ, ରସାନନ୍ଦ ସାହୁ, ଚନ୍ଦନ ସାହୁ, ଦିଲୀପ ଦାସ, ଶରତ ନାଏକ, ଶ୍ରୀକାନ୍ତ ସାହୁ, ଦିପୁନ ସାହୁ ପ୍ରମୁଖ ସହଯୋଗ କରିଥିଲେ। ସନ୍ଧ୍ୟାରେ ମା'ଙ୍କ ପୀଠସ୍ଥଳୀରେ ପାଲା ଓ ସଂକୀର୍ତ୍ତନ ପରିବେଷଣ କରାଯାଇଥିଲା।

# ହସ୍ତତନ୍ତ ବସ୍ତ୍ର ପ୍ରଦର୍ଶନୀ ଉଦ୍‌ଘାଟିତ

ତାଳଚେର,୩୦।୯(ନି.ପ୍ର.)

ତାଳଚେର ବ୍ଲକ ସାଉଥବଲଣ୍ଡାସ୍ଥିତ ଜଗନ୍ନାଥ କଳାକେନ୍ଦ୍ର ପରିସରରେ ଏକ ଜିଲାସ୍ତରୀୟ ହସ୍ତତନ୍ତ ବସ୍ତ୍ର ପ୍ରଦର୍ଶନୀ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଏମ୍‌ସିଏଲ୍ ଜଗନ୍ନାଥ କ୍ଷେତ୍ର ମହାପ୍ରବନ୍ଧକ ଏମ୍.ଜି. ବ୍ରହ୍ମପୁରକର ଯୋଗଦାନ କରି ପ୍ରଦର୍ଶନୀକୁ ଉଦ୍‌ଘାଟନ କରିବା ସହ ଓଡ଼ିଶାର କୋଣ ଅନୁକୋଣରେ ହସ୍ତତନ୍ତ କଳାର ପ୍ରଚାର, ପ୍ରସାର ବୃଦ୍ଧି ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି ଭାବେ ସହକାରୀ ବୟନ ଶିଳ୍ପ ନିର୍ଦ୍ଦେଶକ ଉମେଶ ଚନ୍ଦ୍ର ଦାସ ମଞ୍ଚାସୀନ ଥିଲେ। ଏହି ପ୍ରଦର୍ଶନୀରେ ଓଡ଼ିଶାର ବିଭିନ୍ନ ଜିଲାରୁ ୨୦ଟି ବୁଣାକାର ପ୍ରାଥମିକ ତନ୍ତୁବାୟ ସହଯୋଗ ସମିତି ଓ ବୁଣାକାର ସ୍ୱୟଂ ସହାୟକ ଗୋଷ୍ଠୀ ଅଂଶଗ୍ରହଣ କରିଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରତ୍ୟେକ ବସ୍ତ୍ର କ୍ରୟ ଉପରେ ଶତକଡା ଦଶ ପ୍ରତିଶତ ରିହାତି ବ୍ୟବସ୍ଥା ରହିଥିବା ବେଳେ ଏହି ପ୍ରଦର୍ଶନୀ ଅକ୍ଟୋବର ୬ ତାରିଖ ଦିନ ଉଦ୍‌ଯାପନ ହେବ ବୋଲି ଜଣାପଡିଛି। ଏହି ପ୍ରଦର୍ଶନୀ ଆୟୋଜନରେ ବିଭାଗୀୟ ତତ୍ତ୍ୱାବଧାରକ ଶାନ୍ତନୁ କୁମାର ମେହେର, ସମ୍ପୂର୍ଣ୍ଣାନନ୍ଦ ପ୍ରଧାନ ଓ ବୟନ ସହାୟକ ମାୟାଧର ବେହେରା ପ୍ରମୁଖ ସକ୍ରିୟ ସହଯୋଗ କରୁଛନ୍ତି।



ପ୍ରଦର୍ଶନୀକୁ ଅତିଥି ଉଦ୍‌ଘାଟନ କରୁଛନ୍ତି।




# ସରଳିଆ ହୋଣ୍ଡା ଶୋ'ରୁମ ଉଦ୍‌ଘାଟିତ

ଛେଣ୍ଡିପଦା,୩୦।୯(ସ୍ୱ.ପ୍ର.)

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ଗୋପୀନାଥପୁର ଠାରେ ଅନୁଗୋଳ ଲକ୍ଷ୍ମୀ ହୋଣ୍ଡା ପକ୍ଷରୁ ଦଶହରା ଉପଲକ୍ଷେ ସରଳିଆ ହୋଣ୍ଡା ଶୋ'ରୁମ ସୋମବାର ଉଦ୍‌ଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମରେ କିଶୋରିଲାଲ ସରଳିଆ, ବିନୋଦ କୁମାର ସରଳିଆ, ଲକ୍ଷ୍ମୀ ହୋଣ୍ଡାର ବିକ୍ରେତା ବିକ୍ରମ ଅଗ୍ରୱାଲ ପ୍ରମୁଖ ଯୋଗଦେଇ ନୂତନ ଶୋ'ରୁମ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନ ଅବସରରେ ବିଶେଷ ରିହାତି ଥିବାବେଳେ ହୋଣ୍ଡା କମ୍ପାନୀର ବିଭିନ୍ନ ପ୍ରକାରର ୨୦ଟି ଗାଡି ବିକ୍ରି ହୋଇଥିଲା। ସରଳିଆ ହୋଣ୍ଡାର ବିକ୍ରେତା ମନିସ ସରଳିଆଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।






| Models | Tigor | Nexon | Hexa | Tiago |
|---|---|---|---|---|
| ଏକ୍ସଚେଞ୍ଜ ବୋନସ | ₹25,000* | ₹25,000* | ₹35,000* | ₹15,000* |
| ସରକାରୀ / କର୍ପୋରେଟ ଅଫର | ₹10,000* | ₹5,000* | ₹15,000* | ₹5,000* |
| ସର୍ବାଧିକ ଲାଭ | ₹75,000* | ₹85,000* | ₹1,00,000* | ₹70,000* |



Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ